# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 13 MAY– 2026

---

## ନିଟ୍ ବାତିଲ

ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗ ପରେ ଡାକ୍ତରୀ ପରୀକ୍ଷାରେ ପ୍ରବେଶ ପାଇଁ ଅନୁଷ୍ଠିତ ନିଟ୍-ୟୁଜି ୨୦୨୬ ପରୀକ୍ଷା ବାତିଲ ହେବା ସହ  କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ-ସିବିଆଇ ମାମଲାର ତଦନ୍ତ ଆରମ୍ଭ କରିଛି। ଘଟଣାରେ ସିବିଆଇ ୪୦ରୁ ଉର୍ଦ୍ଧ୍ୱ ଜଣଙ୍କୁ ଅଟକ ରଖି ଜେରା କରୁଛି। ସେହିଭଳି ରାଜସ୍ଥାନ ପୋଲିସ୍‌ର ସ୍ୱତନ୍ତ୍ର ଦଳ ଏହି ମାମଲାରେ ଏପର୍ଯ୍ୟନ୍ତ ୧୫ ଜଣଙ୍କୁ ଅଟକ ରଖିଛି।

ପରବର୍ତ୍ତୀ ପରୀକ୍ଷା ତାରିଖ ଆଗାମୀ ୧୦ ଦିନ ମଧ୍ୟରେ ଘୋଷଣା କରାଯିବ ବୋଲି ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍‌ଟିଏ ପକ୍ଷରୁ କୁହାଯାଇଛି । ଏନ୍‌ଟିଏ ପକ୍ଷରୁ ଏହି ପରୀକ୍ଷା ଗତ ୩ ତାରିଖରେ ଦେଶବ୍ୟାପୀ ୫ ହଜାର ୪୦୦ଟି ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୨ଲକ୍ଷରୁ ଉର୍ଦ୍ଧ୍ୱ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ।

---

## ସମୀକ୍ଷା ବୈଠକ

ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ସମ୍ବଲପୁର ମହାନଗର ନିଗମଠାରେ ଏକ ସମୀକ୍ଷା ବୈଠକ କରିଛନ୍ତି । ଏଥିରେ ମହାନଗର ନିଗମ ଏବଂ ଅନ୍ୟ ପୌରାଞ୍ଚଳରେ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ନେଇ ଆଲୋଚନା ହୋଇଥିଲା। ବୈଠକରେ

ସମ୍ବଲପୁର ଯୋଜନା ଅଞ୍ଚଳ ପାଇଁ ନୂତନ ବ୍ୟାପକ ବିକାଶ ଯୋଜନା-୨୦୪୭ ପ୍ରସ୍ତୁତ କରିବାକୁ ଅନୁମୋଦନ କରାଯାଇଛି ।ଏହି ଅବସରରେ ଶ୍ରୀ ମହାପାତ୍ର ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ ସହ ବିଭିନ୍ନ ଯୋଜନାରେ ଭତ୍ତା ଓ ସହାୟତା ପ୍ରଦାନ କରିଥିଲେ ।

---

## ପୁଞ୍ଜି ନିବେଶ ପ୍ରସ୍ତାବ

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଗୁଜୁରାଟ ନିବେଶକ ସମ୍ମିଳନୀ ଏବଂ ରୋଡ୍ ଶୋ’ ପରବର୍ତ୍ତୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ନିବେଶକମାନଙ୍କ ପାଇଁ ରାଜ୍ୟରେ ଶିଳ୍ପ ଓ ଅନ୍ୟ କ୍ଷେତ୍ରରେ ପ୍ରକଳ୍ପ ସ୍ଥାପନ ଲାଗି ଅନୁକୂଳ ସୁବିଧା ସୁଯୋଗ ଯୋଗାଇ ଦେବା ନେଇ ଆଲୋଚନା ହୋଇଥିଲା। ସୂଚନା ଅନୁସାରେ ଗୁଜୁରାଟ ସମ୍ମିଳନୀରେ ରାଜ୍ୟକୁ ମୋଟ୍ ୪୮ ହଜାର ୩୩୩ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ଆସିଛି ।

---

## ସମ୍ଭାବ୍ୟ ବାତ୍ୟା ପ୍ରସ୍ତୁତି ବୈଠକ

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ସମ୍ଭାବ୍ୟ ବାତ୍ୟା ପ୍ରସ୍ତୁତି ସଂପର୍କିତ ଏକ ବୈଠକ ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପ୍ରସ୍ତୁତି, ସମନ୍ୱୟ ଓ ପୂର୍ବ ସତର୍କ ସୂଚନା ମାଧ୍ୟମରେ ଶୂନ୍ୟ ମୃତାହତ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ମନୋରମା ମହାନ୍ତି ଓଡ଼ିଶା ଉପକୂଳରେ କୌଣସି ବାତ୍ୟାର ସମ୍ଭାବନା ନଥିବା ବୈଠକରେ

ସୂଚନା ଦେଇଥିଲେ । ସମ୍ଭାବ୍ୟ ବାତ୍ୟାର ମୁକାବିଲା ନିମନ୍ତେ ପ୍ରସ୍ତୁତି ଲାଗି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ପାଇଁ ୩୦ଟି ଓଡ୍ରାଫ ଟିମ୍ ସଜାଗ ରହିବା ସହ ବିଭିନ୍ନ ବିଭାଗ ପକ୍ଷରୁ ଜଳଭଣ୍ଡାର ପରିଚାଳନା, ରାସ୍ତା ଓ ବିଦ୍ୟୁତ୍ ସେବା, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବା ସଂପର୍କରେ ସମୀକ୍ଷା ହୋଇଥିଲା ।

---

## ସ୍ୱାସ୍ଥ୍ୟସେବା

ରାଜ୍ୟର ସ୍ୱାସ୍ଥ୍ୟସେବାକୁ ଅଧିକ ସୁଦୃଢ଼ ତଥା ସମସ୍ତ ସ୍ତରରେ ଗୁଣାତ୍ମକ ଚିକିତ୍ସା ସୁନିଶ୍ଚିତ କରିବା ଉପରେ ବିଭାଗୀୟ କମିଶନର ଅଶ୍ୱତୀ ଏସ୍. ଗୁରୁତ୍ୱାରୋପ କରିଛନ୍ତି । ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ରାଜ୍ୟରେ ସ୍ୱାସ୍ଥ୍ୟସେବା, ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ଔଷଧ ଉପଲବ୍ଧତା ଓ ହସ୍ପିଟାଲ୍ ଭିତ୍ତିଭୂମି ସଂପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଆଗାମୀ ମୌସୁମୀ ଋତୁକୁ ଦୃଷ୍ଟିରେ ରଖି ବିଭିନ୍ନ ରୋଗର ଚିକିତ୍ସା ପାଇଁ ଆଗୁଆ ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟ ବିଭାଗର କମିଶନର’ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

---

## ବାୟୁ ସ୍ୱାସ୍ଥ୍ୟସେବା

ମାଲକାନଗିରି ଜିଲ୍ଲାରେ ପୁଣିଥରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଯୋଜନାରେ ରୋଗୀଙ୍କ ଚିକିତ୍ସା ଆରମ୍ଭ ହୋଇଛି । ଏଥିପାଇଁ କଟକ ଏସ୍‌ସିବି ମେଡ଼ିକାଲ କଲେଜରୁ ୭ ଜଣ ବିଶେଷଜ୍ଞ ଡାକ୍ତର ଏକ ସ୍ୱତନ୍ତ୍ର ବିମାନ ଯୋଗେ ମାଲକାନଗିରିରେ ପହଞ୍ଚିଛନ୍ତି ।

---

## ଗଣତି ମଣତି

ପୁରୀ ଶ୍ରୀମନ୍ଦିର ଦ୍ୱିତୀୟ ପର୍ଯ୍ୟାୟ ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି ଗତକାଲି ଶେଷ ହୋଇଛି । ଗଣତି ଶେଷ ହେବା ପରେ ଅଳଙ୍କାରଗୁଡ଼ିକୁ ସୁରକ୍ଷିତ ଭାବେ ରଖାଯାଇଛି । ଆସନ୍ତା ୧୯ ତାରିଖରୁ ପୁଣିଥରେ ଗଣତି କାର୍ଯ୍ୟ ଆରମ୍ଭ ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି ।

---

## ଷ୍ଟାଡିୟମ

ଯାଜପୁର ଜିଲ୍ଲା ବ୍ୟାସନଗର ସହରରେ ଥିବା ରାଜୀବ ଗାନ୍ଧୀ ଷ୍ଟାଡିୟମର ଆଧୁନିକୀକରଣ ପାଇଁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଷ୍ଟାଡିୟମ ପାଇଁ ୩୫ ଲକ୍ଷ ଟଙ୍କା ଖର୍ଚ୍ଚହେବ ବୋଲି ଜଣାପଡ଼ିଛି ।

---

## ଆକାଶବାଣୀ ଜୟପୁର

ଆକାଶବାଣୀର ୯୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆକାଶବାଣୀ ଜୟପୁର ପକ୍ଷରୁ ଏକ ସଂଗୀତ ସମାରୋହ ଆୟୋଜିତ ହୋଇଯାଇଛି । ଏହି ଅବସରରେ ପ୍ରତିଷ୍ଠିତ ଶିଳ୍ପୀମାନେ ଯୋଗଦେଇ ସଂଗୀତ ପ୍ରଦର୍ଶନ ମାଧ୍ୟମରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ ।

---

## ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ସମ୍ପାଦନ ପାଇଁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି ।

ଶିବିରରେ ଓଡ଼ିଆ ଭାଷାରେ କାର୍ଯ୍ୟ କରିବା ଲାଗି ସଚେତନତା ବୃଦ୍ଧି ସହ ପ୍ରଶିକ୍ଷଣ ଦିଆଯାଇଥିଲା ।

## ସାଂସ୍କୃତିକ କାର୍ଯ୍ୟ

ବରଗଡ଼ ଜିଲ୍ଲାରେ ଆୟୋଜିତ ଲୋକରଂଜନୀ ସାଂସ୍କୃତିକ କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହେଉଛି। କାର୍ଯ୍ୟକ୍ରମକୁ ସାଂସଦ ପ୍ରଦୀପ ପୁରୋହିତ ଉଦ୍‌ଘାଟନ କରିଥିଲେ।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ  ସୃଷ୍ଟ ଲଘୁଚାପ ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, କାଳବୈଶାଖୀ ବର୍ଷା ଯୋଗୁଁ ରାଜ୍ୟରେ ତାପମାତ୍ରା ହ୍ରାସ ପାଇଛି । ତେବେ ଆସନ୍ତା ସପ୍ତାହେ ମଧ୍ୟରେ ବିଭିନ୍ନ ସ୍ଥାନରେ ସର୍ବାଧିକ ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଗତକାଲି ଟିଟିଲାଗଡ଼ଠାରେ ଦିନର ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ ହୋଇଥିଲା । ରାଜ୍ୟରବିଭିନ୍ନ ସ୍ଥାନରେ ଆସନ୍ତା ଶନିବାର ପର୍ଯ୍ୟନ୍ତ କାଳବୈଶାଖୀ ଜନିତ ବର୍ଷା ଲାଗି ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।